2 रु. कोर्ट फी Rs.2
COURT FEE
भारत INDIA
दो रुपये TWO RUPEES

APANANKA SEBARE



ଜୟ ଶ୍ରୀଜଗନ୍ନାଥ



ଏକତା ହିଁ ବଳ

ସେବା ହିଁ ପରମ ଧର୍ମ

ପୁଣ୍ୟ ଭୂମି ଓଡ଼ିଶା
ଆମ ଓଡ଼ିଶା ଆମେ ଗଢ଼ିବା
ଜନନୀ ଜନନୀ ଜନନୀ
ବନ୍ଦେ ମାତରମ୍

ବୀର ଭୂମି ଓଡ଼ିଶା
ଆମ ସଂସ୍କୃତିକୁ ସୁରକ୍ଷା ଦେବା
ବନ୍ଦେ ଉତ୍କଳ ଜନନୀ
ଜୟ ଜୟ ଭାରତ ବର୍ଷମ୍

# ଆପଣଙ୍କ ସେବାରେ

(ଏକ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ)

ସେବା ଓ ସଦ୍‌ଭାବ ମାଧ୍ୟମରେ ଏକ ପ୍ରଗତିଶୀଳ ସୁସ୍ଥ ସମାଜ ଗଠନର ଅଭିଯାନ.................

୦୧. ସୋସାଇଟିର ନାମ : **"ଆପଣଙ୍କ ସେବାରେ"**

୦୨. ସୋସାଇଟିର ଚିହ୍ନ ପ୍ରତୀକ : ''ଲୋଗୋ''

ସେବା ହିଁ ପରମ ଧର୍ମ
ଏକତା ହିଁ ବଳ

୦୩. ସୋସାଇଟିର ସ୍ଲୋଗାନ : ପୁଣ୍ୟ ଭୂମି ଓଡ଼ିଶା ବୀର ଭୂମି ଓଡ଼ିଶା
ଆମ ଓଡ଼ିଶା ଆମେ ଗଢ଼ିବା ଆମ ସଂସ୍କୃତିକୁ ସୁରକ୍ଷା ଦେବା
ଜନନୀ ଜନନୀ ଜନନୀ ବନ୍ଦେ ଉତ୍କଳ ଜନନୀ
ବନ୍ଦେ ମାତରମ୍ ଜୟ ଜୟ ଭାରତ ବର୍ଷମ୍

୦୪. ସୋସାଇଟି ପଞ୍ଜୀକୃତ ନମ୍ବର :

APANANKA SEBARE"
ମନୋଜ କୁମାର ଓଝା

**୦୫. ''ଆପଣଙ୍କ ସେବାରେ'' ମୁଖ୍ୟ କାର୍ଯ୍ୟାଳୟର ଅବସ୍ଥିତି :**

ଶାନ୍ତିକୁଞ୍ଜ ଲେନ୍, ଚକ୍ରତୀର୍ଥ ରୋଡ଼, ଥାନା- ସମୁଦ୍ରକୂଳ, ପୁରୀ
ପିନ୍-୭୫୨୦୦୨, ଓଡ଼ିଶା ।

**୦୬. ''ଆପଣଙ୍କ ସେବାରେ'' ଅନୁଷ୍ଠାନର କାର୍ଯ୍ୟ ପରିସର :**

ଓଡ଼ିଶାର ସମଗ୍ର ଭୌଗୋଳିକ କ୍ଷେତ୍ର ଏହାର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ଅଟେ । ଯଥା- ଆବଶ୍ୟକ ସ୍ଥଳେ ସଂସ୍ଥାର ଶାଖା କାର୍ଯ୍ୟାଳୟଗୁଡ଼ିକୁ ଓଡ଼ିଶାର ଯେ କୌଣସି ସ୍ଥାନରେ ସ୍ଥାପନ କରାଯାଇପାରିବ ।

**୦୭. ''ଆପଣଙ୍କ ସେବାରେ'' ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ :**

ସଦ୍‌ଭାବ, ସେବା, ସତ୍‌ସଙ୍ଗ ତଥା ପ୍ରାଚୀନ ଧର୍ମପୀଠ, ଐତିହ୍ୟ, ସଂସ୍କୃତି ଓ ପ୍ରକୃତିର ସୁରକ୍ଷା ଏବଂ ପ୍ରଚାର ପ୍ରସାର ।

**(କ) ସଦ୍‌ଭାବ :** - ସଂଘ ଶକ୍ତି ତଥା ଭାରତୀୟତା ପ୍ରତି ଦୃଢ଼ ଆସ୍ଥା ଓ ସମାଜକୁ ଏକ ଭ୍ରାତୃଭାବର ନିଦର୍ଶନ ଏବଂ ସାମାଜିକ ସମସ୍ୟାର ସମାଧାନ ନିମନ୍ତେ ଜନଜାଗରଣ । ତତ୍‌ସହିତ ଅନୁଷ୍ଠାନର ନିଜସ୍ୱ ଗଣମାଧ୍ୟମ ପ୍ରତିଷ୍ଠା କରି ସଂସ୍ଥାର ବିବିଧ ଅଭିଯାନକୁ ଲୋକାଭିମୁଖୀ କରାଇବା ।

**(ଖ) ସେବା :-** ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ସମସ୍ତ ପ୍ରକାର ସାମାଜିକ ସେବା କାର୍ଯ୍ୟକ୍ରମ । ଯଥା:-

(୧) ଶିକ୍ଷା, ସ୍ୱାସ୍ଥ୍ୟ ପରିମଳ ସେବା ତଥା ବିବିଧ ସାମାଜିକ ସେବା କରିବା ସହ ଓଡ଼ିଶା ରାଜ୍ୟର ବିଭିନ୍ନ ଜିଲ୍ଲା ଅନ୍ତର୍ଗତ ପ୍ରାଚୀନ ଧର୍ମପୀଠଗୁଡ଼ିକର ପାରମ୍ପରିକ ଉତ୍ସବମାନଙ୍କରେ କରସେବା ପ୍ରଦାନ କରିବା ।

(୨) ବୃକ୍ଷରୋପଣ ତଥା ଗୋମାତା ଏବଂ ପ୍ରାଣୀ ଜଗତର ସେବା ।

**(ଗ) ସତ୍‌ସଙ୍ଗ :-** (୧) ସନାତନ ଧର୍ମ ସମ୍ବନ୍ଧୀୟ ଚର୍ଚ୍ଚା ଓ ଆଲୋଚନାଚକ୍ରର ଆୟୋଜନ ଏବଂ ସନାତନ ଧର୍ମ ପ୍ରଚାର କରୁଥିବା ମହାନୁଭବ ତଥା ଅନୁଷ୍ଠାନକୁ ପ୍ରୋତ୍ସାହିତ କରିବା ସହିତ ଐତିହ୍ୟ ଓ ସଂସ୍କୃତି ଗବେଷକମାନଙ୍କୁ ସମ୍ମାନ ପ୍ରଦାନ ଏବଂ ବିବିଧ କ୍ଷେତ୍ରରେ ନିଜର ନିଃସ୍ୱାର୍ଥପର ସେବା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷମାନଙ୍କୁ ଅନୁଷ୍ଠାନ ମାଧ୍ୟମରେ ସମ୍ମାନିତ କରିବା ।

(୨) ଭଜନ ଓ କୀର୍ତ୍ତନଦ୍ୱାରା ସମାଜରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ସହିତ ଭାଗବତ ଟୁଙ୍ଗିର ପୁନଃ ଉଦ୍ଧାର ତଥା ପ୍ରଚାର ପ୍ରସାର କରିବା ।

(୩) ଗୃହକୁ ଏକ ଗୁରୁକୁଳ ଭାବେ ଗଢ଼ିତୋଳିବା ପାଇଁ ସଂସ୍କୃତି ଓ ସଂସ୍କାର ଶିକ୍ଷା ମାଧ୍ୟମରେ ସମାଜକୁ ସଚେତନ କରାଇବା ।

**(ଘ) ପ୍ରାଚୀନ ଧର୍ମପୀଠ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର-ପ୍ରସାର :-** ଓଡ଼ିଶାର ବିଭିନ୍ନ ଜିଲ୍ଲା ଅନ୍ତର୍ଗତ ପ୍ରାଚୀନ ଧର୍ମପୀଠ, ଐତିହ୍ୟ ଓ ସଂସ୍କୃତିର ଗବେଷଣା, ସୁରକ୍ଷା ଏବଂ ପ୍ରଚାର

Secretary
APANANKASEBARE






ପ୍ରସାର ତଥା ମହାନ୍ ବରପୁତ୍ରମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହ ତାଙ୍କର ରାଷ୍ଟ୍ର ପ୍ରତି ଅନନ୍ୟ ଅବଦାନ ତଥା ଆତ୍ମ ଜୀବନୀକୁ ସମାଜରେ ଲୋକାଭିମୁଖୀ କରାଇବା ଏବଂ ସର୍ବୋପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନ ଦର୍ଶନକୁ ଓଡ଼ିଶାର ଜନମାନସରେ ପୁନଃ ସ୍ଥାପିତ କରାଇବା ସହିତ ଉତ୍କଳମଣିଙ୍କ ସ୍ୱପ୍ନର ଓଡ଼ିଶା ଗଠନକୁ ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ସାକାର ରୂପ ଦେବା ପାଇଁ ଅଭିଯାନ ଚଳାଇବା ।

**(ଙ) ପ୍ରକୃତିର ସୁରକ୍ଷା :-** ପଞ୍ଚମହାଭୂତ (ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ) ପ୍ରତି ଆସ୍ଥା ସ୍ଥାପନ ଓ ଏହାର ସୁରକ୍ଷା ନିମନ୍ତେ ସମାଜକୁ ସଚେତନତାର ବାର୍ତ୍ତା ପ୍ରଦାନ କରିବା ।

**(ଚ) ପଞ୍ଚାମୃତ ସେବା ପ୍ରକଳ୍ପ :-**

(୧) ଐତିହ୍ୟ ସଂସ୍କୃତି ଗବେଷଣା ପ୍ରକଳ୍ପ
(୨) ଧନ୍ୱନ୍ତରୀ ଚିକିତ୍ସା ସେବା ପ୍ରକଳ୍ପ
(୩) ଆଚାର୍ଯ୍ୟ ହରିହର ଶିକ୍ଷା ସେବା ପ୍ରକଳ୍ପ
(୪) ମଧୁବାବୁ ଆଇନ୍ ସେବା ପ୍ରକଳ୍ପ
(୫) ମାଳତୀ ଦେବୀ ନାରୀ ସମ୍ମାନ ପ୍ରକଳ୍ପ

**୦୮. ଆପଣଙ୍କ ସେବାରେ ଅନୁଷ୍ଠାନର କାର୍ଯ୍ୟକାରିଣୀ ସମିତି :**

ସୋସାଇଟି ରେଜେଷ୍ଟ୍ରୀକରଣ ଅଧିନିୟମ ୧୮୬୦ ଧାରା-୨ ଅନୁସାରେ ପ୍ରଚଳିତ ଉକ୍ତ "ଆପଣଙ୍କ ସେବାରେ" ଅନୁଷ୍ଠାନ ଏକ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନର ପଦାଧିକାରୀ-ମାନଙ୍କର ନାମ, ଠିକଣା ଏବଂ ପଦବୀ ନିମ୍ନରେ ପ୍ରଦତ୍ତ କରାଗଲା ।